# ନିଲାମ ବିଜ୍ଞପ୍ତି

ପୋଲିସ୍ ଉପଆୟୁକ୍ତ, କଟକ ସିଦ୍ଧେଶ୍ୱରପୁର ଫାୟାରିଂ ରେଞ୍ଜ, ନରାଜଠାରେ ଥିବା କାଜୁ ବଗିଚା, ୨୦୨୨ ବର୍ଷରେ ନିଲାମ କରିବା ପାଇଁ ଇଚ୍ଛୁକ ନିଲାମଧାରୀଙ୍କ ଠାରୁ ସାଧା କାଗଜରେ ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ନିଲାମ ନୋଟିସ୍ ଖବର କାଗଜରେ ବାହାରିବା ପରେ ନିଲାମଧାରୀଙ୍କ ଅବଗତି ନିମନ୍ତେ ଏହା କଟକ ଉପଆୟୁକ୍ତଙ୍କ ନୋଟିସ୍ ବୋର୍ଡ଼ରେ ବିଜ୍ଞପ୍ତି ଦିଆଯିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଉକ୍ତ କାଜୁ ବଗିଚାକୁ ଯେ କୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଂଣଟ ସମୟ ମଧ୍ୟରେ ପରିଦର୍ଶନ କରିପାରିବେ । ପୋଲିସ୍ ଉପଆୟୁକ୍ତ, ସହରାଚଂଳ ଜିଲ୍ଲା- କଟକଙ୍କୁ ସମ୍ବୋଧିତ ଜଉମୁଦ ଟେଣ୍ଡର ଲଫାପାକୁ ରିଜର୍ଭ ପୋଲିସ୍ ଲାଇନ୍, ବକ୍ସିବଜାର, କଟକରେ ଥିବା ଏକ ଜଉମୁଦ ବାକ୍ସରେ ପକାଇବେ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନଙ୍କୁ ୫,୦୦୦/- ଟଙ୍କା (ଟଙ୍କା ପାଂଚ ହଜାର ମାତ୍ର)ର ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ କରିଆରେ ଆଡ଼ିସିନାଲ୍ ଡ଼ି.ସି.ପି., ଡ଼ି.ଡ଼ି.ଓ.-୧, ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକଙ୍କ ସମକ୍ଷରେ ସଂଲଗ୍ନ କରିବେ, ଯାହା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଟ୍ରେଜରୀ ଶାଖା, ଭୁବନେଶ୍ୱରରେ ପୈଠ କରାଯାଇପାରିବ । ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଏହି ଟଙ୍କାର ପରିମାଣ ଅକ୍ଷରରେ ଏବଂ ସଂଖ୍ୟାରେ କାଜୁ ବଗିଚା ନିଲାମ୍ ସକାଶେ ବୋଲି ଉଲ୍ଲେଖ କରିବେ । ନିଲାମ ଟଙ୍କାର ପରିମାଣ ସଂଖ୍ୟାରେ ଓ ଅକ୍ଷରରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ପ୍ରାର୍ଥୀଙ୍କ ନିଲାମ ଖାରଜ ହୋଇଯିବ । ଟେଣ୍ଡର କାଗଜ ଜଉମୁଦ ଟେଣ୍ଡର ଗୁଡ଼ିକ ଆସନ୍ତା ତା.୧୨.୦୪.୨୦୨୨ ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଗ୍ରହଣ କରାଯିବ ଏବଂ ଆସନ୍ତା ତା.୧୩.୦୪.୨୦୨୨ ରିଖ ଅପରାହ୍ନ ୨ଘଟିକା ସମୟରେ କଟକ ରିଜର୍ଭ ଅଫିସ୍‌ରେ ଟେଣ୍ଡର ପକାଉଥିବା ବ୍ୟକ୍ତି କିମ୍ବା ତାଙ୍କର Agent ମାନଙ୍କ ଉପସ୍ଥିତିରେ ଖୋଲାଯିବ । ଯିଏ ସର୍ବାଧିକ ଟେଣ୍ଡର ଡାକିବେ, ତାଙ୍କୁ ସଂଗେ ସଂଗେ ୨୫ ପ୍ରତିଶତ ନଗଦ ଟଙ୍କା ଆକାରରେ ଦାଖଲ ଦେବାକୁ ପଡ଼ିବ ଏବଂ ବାକି ୭୫% ଟଙ୍କା ୭ (ସାତ) ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ । ନଚେତ୍ ଅମାନତ ଟଙ୍କା କୌଣସି କାରଣ ନ ଦର୍ଶାଇ ବାଜ୍ୟାପ୍ତ କରାଯିବ ଏବଂ ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦାଖଲକାରୀଙ୍କୁ ଆମନ୍ତ୍ରଣ କରାଯିବ । ଏ ସଂକ୍ରାନ୍ତରେ ଆଦେଶ ପ୍ରଦାନ କରିବା ପରେ କାଜୁ ବଗିଚାକୁ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ । ଏଥି ନିମନ୍ତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ଅକୃତ କାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ଅମାନତ ଟଙ୍କା ଫେରସ୍ତ କରି ଦିଆଯିବ । ଆବଶ୍ୟକ ସ୍ଥଳେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ । ନିଲାମ ପ୍ରକ୍ରିୟା ସମାପ୍ତ ହେଲାପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ପ୍ରତୀକ ସିଂ

(ପ୍ରତୀକ ସିଂ,ଭା.ପୁ.ସେ)

ଆରକ୍ଷୀ ଉପଆୟୁକ୍ତ, କଟକ